## ସମ୍ପାଦକୀୟ

ଆର୍ଯ୍ୟ-ହିନ୍ଦୁମାନେ ଦେବଦେବୀ, ଅବତାରପୁରୁଷ, ଇଷ୍ଟ, ମହାପୁରୁଷମାନଙ୍କର ମୂର୍ତ୍ତିକୁ ପୂଜା କରିଥା'ନ୍ତି । ସେହି ମୂର୍ତ୍ତିଙ୍କୁ ବିଗ୍ରହ ବୋଲି ବିବେଚନା କରିଥା'ନ୍ତି । ବିଗ୍ରହ-ଉପାସନା ଏକ ମୁଖ୍ୟ ଆଧ୍ୟାତ୍ମିକ ଅଙ୍ଗ ବୋଲି ସ୍ୱୀକାର କରାଯାଇଥାଏ । ବିଗ୍ରହଙ୍କୁ ବା ମୂର୍ତ୍ତିଙ୍କୁ ଦେଖି ଆରାଧ୍ୟଙ୍କ କଥା ମନେପଡ଼ିଯାଏ । ଏଣୁ ବିଗ୍ରହ-ପୂଜାର ଗୁରୁତ୍ୱ ରହିଛି । ପ୍ରକୃତରେ ଏହି ମୂର୍ତ୍ତିପୂଜା ବା ବିଗ୍ରହପୂଜା ଦ୍ୱାରା ଭକ୍ତିତଃ ବା ଅଧ୍ୟାତ୍ମ୍ୟତଃ କିଛି ଲାଭ ମିଳେ କି ? ସେହି ବିଗ୍ରହଙ୍କୁ ପୂଜା କରି କ'ଣ ଆମେ ଈଶ୍ୱରଙ୍କୁ ପାଇପାରୁ ? ଏହିପରି ପ୍ରଶ୍ନମାନ ମନରେ ଆସେ । କେହି ଏହି ମୂର୍ତ୍ତି ବା ବିଗ୍ରହ-ପୂଜାକୁ ନିରର୍ଥକ ବୋଲି ଯୁକ୍ତି ବାଢ଼ୁଥିଲା ବେଳେ ଆଉ କେହି ଏହି ବିଗ୍ରହ ବା ମୂର୍ତ୍ତିପୂଜାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରିଥା'ନ୍ତି । କେଉଁଟା ଠିକ୍, କେଉଁଟା ଭୁଲ୍— ଏହା ଅବଶ୍ୟ ବିବେଚନାଯୋଗ୍ୟ ।

ଏହି ପରିପ୍ରେକ୍ଷୀରେ ପୁରୁଷୋତ୍ତମଙ୍କ ଭାବାଦର୍ଶ କହେ—

ସିଏହିଁ ବିଗ୍ରହ—
ଯିଏ
ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଆଦର୍ଶକୁ
ବିହିତଭାବେ
ଗ୍ରହଣ କରନ୍ତି,
ସ୍ୱୀକାର କରନ୍ତି,
ଅର୍ଥାତ୍ ଆପଣାର କରି ନିଅନ୍ତି—
ସାର୍ଥକ ସଙ୍ଗତିଶୀଳ ବିନାୟନରେ,
ସୁଯୁକ୍ତ ସେବା-ସମୀକ୍ଷାରେ
ତାଙ୍କୁ
ଧାରଣ ଓ ଅବଲମ୍ବନ କରନ୍ତି,
ଆଶ୍ରୟ ଓ ସେବା କରନ୍ତି,—
ତାଙ୍କ ଗୁଣଗୁଡ଼ିକୁ
ନିଜ ବ୍ୟକ୍ତିତ୍ୱରେ
ବିକାଶ କରି ନେଇ
ଐତିହ୍ୟର
ପବିତ୍ର ନିଷ୍ଠାବେଦୀରେ ଛିଡ଼ା ହୋଇ
ବ୍ୟକ୍ତିତ୍ୱର ବିଭୂତି ବିକଶିତ କରି,
ଗୋଟେକଥାରେ—
ନିଜେ ତଦ୍‌ଗୁଣାନ୍ୱିତ ହୋଇ
ବାସ୍ତବ ତାତ୍ପର୍ଯ୍ୟରେ;
ତାଙ୍କ ପୂଜାହିଁ
ବିଗ୍ରହର ପୂଜା ।

*(ଆର୍ଯ୍ୟ-ପ୍ରାତିମୋକ୍ଷ-୯୫୦୪)*

ବିଗ୍ରହ ମାନେ ବିଶେଷଭାବେ ବା ବିହିତଭାବେ ଗ୍ରହଣ କରିବା । ବିଗ୍ରହ ପୂଜା କରିବା ମାନେ ଆରାଧ୍ୟଙ୍କ ଗୁଣବତ୍ତାକୁ ବିଶେଷଭାବେ ଗ୍ରହଣ କରିବା ବା ସ୍ୱୀକାର କରିବା । ଉଦ୍ଦେଶ୍ୟ— ନିଜର ଚରିତ୍ରରେ ଚରିତ୍ରାୟିତ କରିନେବା । ମୁଁ ଯେଉଁ ଦେବ ଓ ଦେବୀଙ୍କର ଉପାସନା କରୁଛି ତାଙ୍କ ବିଗ୍ରହପୂଜା କରୁଛି ମାନେ ତାଙ୍କ ଗୁଣକୁ ନିଜ ଭିତରେ ଆତ୍ମୀକୃତ କରିବା ପାଇଁ ଚେଷ୍ଟା କରୁଛି । ଗଣେଶଙ୍କ ବିଗ୍ରହକୁ ପୂଜା କରିବା ମାନେ ତାଙ୍କର ବିଶେଷ ଗୁଣକୁ ଗ୍ରହଣ କରିବାକୁ ଚେଷ୍ଟା କରାଯାଉଛି । ଏପରି ନ କରି ଯଦି କେବଳ ମୂର୍ତ୍ତିସର୍ବସ୍ୱ ହୋଇ ସେହି ପଥର, ମାଟି ବା ଧାତୁ ନିର୍ମିତ ମୂର୍ତ୍ତିକୁହିଁ ସବୁକିଛି ଭାବି ଉପାସନା କରାଯାଏ ତେବେ ତାହା ହେବ ପଣ୍ଡପ୍ରୟାସ ମାତ୍ର । ସେପରି ଉପାସନାରେ କୌଣସି ଫଳ ଫଳିବନି । ପଥର ମୂର୍ତ୍ତି ନିକଟରେ ମୁଣ୍ଡ ପିଟିଲେ ମୁଣ୍ଡ ଫାଟି ଯାଇପାରେ କିନ୍ତୁ କୌଣସି ଫଳ ମିଳିବ ନାହିଁ । କିନ୍ତୁ ଯଦି ଉପାସ୍ୟଙ୍କର ଗୁଣାବଳୀକୁ ବିହିତଭାବେ ଗ୍ରହଣ କରିବାର ଚେଷ୍ଟା ଥାଏ ତେବେ ଦିନେ ନା ଦିନେ ସେହି ବିଶେଷ ଗୁଣାବଳୀରେ ଗୁଣାନ୍ୱିତ ହୋଇ ସାର୍ଥକ ବ୍ୟକ୍ତିତ୍ୱର ଅଧିକାରୀ ହୋଇ ଉଠିବ ଉପାସକ ନିଶ୍ଚୟ । ଏତଦ୍‌ଭିନ୍ନ ଆମେ ଆଉ ଯାହା କିଛି କରୁନା କାହିଁକି ତାହା ସ୍ଥୂଳତାର ହିଁ ପରିଚୟ ହେବ । ସୁତରାଂ ବିଗ୍ରହ ମଧ୍ୟରେ ଥିବା ବିହିତଭାବେ ଗୃହୀତ ଗୁଣାବଳୀକୁ ଆଡ଼େଇ ବାହାର କରି ତାହାର ଜ୍ୟୋତିଃରେ ନିଜେ ପ୍ରଜ୍ୱଳିତ ହେବା, ତାହାର ପ୍ରକାଶରେ ନିଜେ ପ୍ରକାଶିତ ହେବା ପାଇଁ ଉଦ୍ୟମ କରିବା ବିଧେୟ । ଏହାଦ୍ୱାରା ବିଗ୍ରହପୂଜା ସାର୍ଥକ ହେବ । ଉପାସ୍ୟଙ୍କର ଗୁଣାବଳୀକୁ ନିଜର ଚରିତ୍ରବତ୍ତାରେ ସମାହିତ କରିବାର ପ୍ରଚେଷ୍ଟା ସାଧନାରେ ସିଦ୍ଧି ଆଣିଦେବ । ଯଦି ଆମେ ଆମ ଆରାଧ୍ୟ ଇଷ୍ଟଙ୍କ ଫଟୋଚିତ୍ର, ବିଗ୍ରହ ଆଦିଙ୍କୁ ପୂଜା କରୁଛେ ତେବେ ଏହାର ଅନ୍ତରାଳରେ ଆମର ଉଦ୍ଦେଶ୍ୟ ରହିବା ଉଚିତ୍ ଆମର ଆରାଧ୍ୟଦେବଙ୍କ ଭାବାଦର୍ଶ, ତାଙ୍କର ବିଶେଷ ଗୁଣାବଳୀ ଯେପରି ଆମ ଚରିତ୍ରବତ୍ତାରେ ଆତ୍ମୀକୃତ ହୁଏ । ଆମେ ତାଙ୍କ ଭଳି ପୂର୍ଣ୍ଣାଙ୍ଗ ବ୍ୟକ୍ତିଟିଏ ହେବା ପାଇଁ ଚେଷ୍ଟାପରାୟଣ ହେବା ଉଚିତ୍ । ତେବେ ଯାଇଁ ଆମର ଏହି ବିଗ୍ରହପୂଜା ସାର୍ଥକ ହେବ । ନଚେତ୍ ତାହା ଭଣ୍ଡାମିରେ ପର୍ଯ୍ୟବସିତ ହେବା ଛଡ଼ା ଆଉ କୌଣସି ପଥ ରହିବ ନାହିଁ । ଏଣୁ ସାଧୁ ସାବଧାନ ।

*– ବନ୍ଦେ ପୁରୁଷୋତ୍ତମମ୍*

Published and Printed by Sankar Sensarma on behalf of Satsang, P.o.- Satsang, Dist.- Deoghar, Jharakhanda and Printed at Ananda Printers, Chandi Chhaka, Cuttack-1 (Odisha).